**ନୀତି ଭାରତୀ**
ମଣିଷଟିଏ ଗଛ ଭଳି ମାଟିରୁ ସୃଷ୍ଟି ହୋଇନଥାଏ; ତା'ର ପାଦ ମାଟିର ଏକ ଅଂଶ ହୋଇନଥାଏ। ମଣିଷର ଗୋଡ଼ ଅଛି, ତେଣୁ ସେ ବୁଲାଚଲା କରିପାରିବ। - ରୋମାନ୍ ପାଇନେ

NITIDIN
ନିତିଦିନ
ମଙ୍ଗଳବାର, ୧୪ ନଭେମ୍ବର ୨୦୧୭

# କଳାଧନ ବନାମ କଳା ଦିବସ

ଗତବର୍ଷ ନଭେମ୍ବର ୮ ତାରିଖ ସନ୍ଧ୍ୟାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ହଠାତ୍ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ଅଚଳ କରି ଘୋଷଣା କଲେ ଯେ ଏହିସବୁ ନୋଟ୍ ଜମା ରଖିଥିବା ଦେଶଦ୍ରୋହୀ ଓ ଅସାମାଜିକ ବ୍ୟକ୍ତିବିଶେଷଙ୍କ ହାତରେ ଏସବୁ କେବଳ କାଗଜ ଟୁକୁଡ଼ା ହୋଇ ରହିଯିବ। ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ, ଯେଉଁମାନେ ଦେଶକୁ ୭୦ବର୍ଷ ଧରି ଲୁଟ୍ କରିଛନ୍ତି, ସେମାନଙ୍କ ବିରୋଧରେ ଏହି ଲଢ଼େଇ ଚାଲି ଥିବାରୁ ପ୍ରତ୍ୟେକ ସଚ୍ଚୋଟ ହିନ୍ଦୁସ୍ତାନୀ ତାଙ୍କ ଉଦ୍ୟମକୁ ସମର୍ଥନ କରିବେ। 'ମୋତେ ୫୦ଦିନ ସମୟ ଅର୍ଥାତ୍ ଡିସେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ସମୟ ଦିଅନ୍ତୁ, ସେଥିରେ ଯଦି ମୁଁ ବିଫଳ ହୋଇଛି ବୋଲି ଆପଣ ଅନୁଭବ କରିବେ, ତେବେ ମୁଁ ଯେ କୌଣସି ଦଣ୍ଡ ନେବା ପାଇଁ ପ୍ରସ୍ତୁତ।' ପ୍ରଧାନମନ୍ତ୍ରୀଙ୍କ ଏହି ଘୋଷଣାରେ ଦେଶର ପ୍ରତ୍ୟେକ ନାଗରିକ ପୁରୁଣା ନୋଟ୍ ବଦଳାଇବା ପାଇଁ ଓ ଘର ଚଳେଇବା ପାଇଁ ବ୍ୟାଙ୍କଗୁଡ଼ିକ ସମ୍ମୁଖରେ ହଜାର ହଜାର ସଂଖ୍ୟାରେ



ରବି ଦାସ

ଲାଇନ୍ ଦେଇ ଛିଡ଼ା ହେଲେ। ଦିନଦିନ ଧରି ଛିଡ଼ା ହୋଇ ରହିଥିବା ଅନେକ ବୃଦ୍ଧ ଓ ସାଧାରଣ ଲୋକଙ୍କ ମଧ୍ୟରୁ ପ୍ରାୟ ଶତାଧିକ ମୃତ୍ୟୁବରଣ କଲେ। ଯେହେତୁ ଭାରତର ମୋଟ୍ ମୁଦ୍ରା ମଧ୍ୟରୁ ଶତକଡ଼ା ୮୫ ଭାଗ ୫୦୦ ଟଙ୍କିଆ ଓ ୧୦୦୦ ଟଙ୍କିଆ ନୋଟ୍ ଥିଲା, ସେଗୁଡ଼ିକୁ ବଦଳାଇବା କେତେ କଷ୍ଟସାଧ ଥିଲା, ତାହା ସମସ୍ତେ ଅନୁଭବ କରିଛନ୍ତି। ୫୦ ଦିନ ଅତିକ୍ରମ ପରେ ଜନସାଧାରଣଙ୍କୁ ଏ ବିଷୟରେ ଆଉ ପଚରା ନଯାଇ ଉତ୍ତରପ୍ରଦେଶ ନିର୍ବାଚନରେ ବିଜେପିର ବିଜୟକୁ ବିମୁଦ୍ରାକରଣ ପ୍ରତି ଲୋକମାନଙ୍କର ସମର୍ଥନ ଭାବରେ ଘୋଷଣା କରାଗଲା। ଏବେ ସେହି ଦିବସର ଏକବର୍ଷ ପୂର୍ତ୍ତି ଅବସରରେ ନରେନ୍ଦ୍ର ମୋଦି ସରକାରଙ୍କ ପକ୍ଷରୁ ତାହାକୁ କଳାଧନ ବିରୋଧୀ ଦିବସ ଭାବେ ପାଳନ କରାଯାଇଛି, ଯଦିଓ ଦେଖାଗଲା ଯେ ଅଚଳ ହୋଇଥିବା ନୋଟ୍‌ର ପ୍ରାୟ ଶତକଡ଼ା ୯୯ ଭାଗ ଟଙ୍କା ବ୍ୟାଙ୍କଗୁଡ଼ିକୁ ଫେରି ଆସିଛି। ତଥାପି ସରକାର ବିଜ୍ଞାପନ ଜରିଆରେ ଦର୍ଶାଇଛନ୍ତି ଯେ ଭାରତର ୧୨୫ କୋଟି ଜନସାଧାରଣ ଭ୍ରଷ୍ଟାଚାର ଓ କଳାଧନ ବିରୋଧରେ ସବୁଠାରୁ ବଡ଼ ଲଢ଼େଇ କଲେ ଏବଂ ବିଜୟୀ ମଧ୍ୟ ହେଲେ। କିନ୍ତୁ କେତେ କଳାଧନ ତାହାଦ୍ୱାରା ଫେରିଲା, ତା'ର କୌଣସି ହିସାବ ବର୍ଷକ ପରେ ଦିଆ ନଯାଇ ୨୩.୨୨ଲକ୍ଷ ଖାତାରେ ପାଖାପାଖି ୩.୬୮ଲକ୍ଷ କୋଟି ଟଙ୍କାର ସନ୍ଦିଗ୍ଧ ଜମା ଧରା ପଡ଼ିଥିବା ସରକାରୀ ବିଜ୍ଞାପନରେ କୁହାଯାଇଛି। ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ 'ବିମୁଦ୍ରାକରଣର ବର୍ଷକ ପରେ' ଶୀର୍ଷକରେ ଯେଉଁ ଲେଖା ପ୍ରକାଶ କରିଛନ୍ତି, ସେଥିରେ ବ୍ୟାଙ୍କଗୁଡ଼ିକୁ ଫେରି ଆସୁଥିବା ଟଙ୍କା ମଧ୍ୟରୁ ୧.୬ଲକ୍ଷ କୋଟିରୁ ୧.୭ଲକ୍ଷ କୋଟି ଟଙ୍କା ସନ୍ଦିଗ୍ଧ କାରବାର ବୋଲି ଜଣା ପଡ଼ିଥିବା କହିଛନ୍ତି। ପ୍ରକୃତ ତଥ୍ୟ ଯାହା ହେଉନା କାହିଁକି, ବିମୁଦ୍ରାକରଣ ଫଳରେ କଳାଟଙ୍କା ଧରା ପଡ଼ିଯାଇଛି ବୋଲି ଦାବି କରିବା କଷ୍ଟକର ହୋଇ ପଡ଼ିଛି। କିନ୍ତୁ ଗୋଟିଏ କଥା ନିଶ୍ଚିତ ଯେ ବିମୁଦ୍ରାକରଣ ଫଳରେ ଦେଶରେ ପ୍ରତିବର୍ଷ ଯେଉଁ ହାରରେ ଅଣକର୍ପୋରେଟ୍ ଅର୍ଥାତ୍ ବ୍ୟକ୍ତିଗତ ଟିକସଦାତା ଟିକସ ବ୍ୟବସ୍ଥାରେ ସାମିଲ୍ ହେଉଥିଲେ, ସେହି ହାର ଏଥର ବୃଦ୍ଧି ପାଇଛି। ଏହାକୁ ଏକ ସଫଳତା ଭାବରେ ଦର୍ଶାଯାଇପାରେ। କଶ୍ମୀରରେ ପଥର ଫିଙ୍ଗା ଘଟଣା ଓ ବାମପନ୍ଥୀ ଉଗ୍ରବାଦ ଘଟଣାର ହ୍ରାସ ବିମୁଦ୍ରାକରଣର ପ୍ରଭାବ ଭାବରେ ଦର୍ଶାଯାଇ ସଶସ୍ତ୍ର ପୁଲିସ ବାହିନୀ ଓ ସେନା ବାହିନୀର ବଳିଷ୍ଠ କାର୍ଯ୍ୟଗୁଡ଼ିକୁ ବସ୍ତୁତଃ ନ୍ୟୂନ କରି ଦିଆଯାଇଛି। ତଥାପି ପ୍ରଧାନମନ୍ତ୍ରୀ ମୋଦି ଡିସେମ୍ବର ୩୧ ତାରିଖରେ ଘୋଷଣା କଲେ ଯେ ଭାରତର ଅପବିତ୍ରତା ଦୂର କରିବା ପାଇଁ ବିମୁଦ୍ରାକରଣ ଏକ ଐତିହାସିକ ଶୁଦ୍ଧି ଯଜ୍ଞ ଥିଲା। ପ୍ରଧାନମନ୍ତ୍ରୀ ମୋଦିଙ୍କର ଦାବି ହେଲା, ଯେଉଁ ସାହସିକ ପଦକ୍ଷେପ ନେବା ପାଇଁ ଇନ୍ଦିରା ଗାନ୍ଧି ମଧ୍ୟ ଶକ୍ତି ସଂଗ୍ରହ କରିପାରି ନଥିଲେ, ତାହା ସେ କରି ଦେଖାଇଛନ୍ତି। କଳାଧନ ଓ ଭ୍ରଷ୍ଟାଚାର ବିରୋଧରେ ଏହା ସବୁଠାରୁ ବଡ଼ ସଫଳତା ବୋଲି ନରେନ୍ଦ୍ର ମୋଦି ଓ ତାଙ୍କ ସମର୍ଥକମାନେ ଦେଶବ୍ୟାପୀ ପ୍ରଚାର କରୁଥିବା ବେଳେ କଂଗ୍ରେସ ସମେତ ତାଙ୍କ ବିରୋଧୀମାନେ ନଭେମ୍ବର ୮କୁ 'କଳା ଦିବସ' ଭାବେ ପାଳନ କରିଛନ୍ତି।

କଳା ଦିବସ ପାଳନ କରିଥିବା ବିରୋଧୀମାନଙ୍କର ଯୁକ୍ତି ହେଲା- ବିମୁଦ୍ରାକରଣ ପଦକ୍ଷେପ ଦ୍ୱାରା ଦେଶର ଅର୍ଥନୀତି ବିପର୍ଯ୍ୟସ୍ତ ହୋଇଛି। ମନମୋହନ ସିଂହଙ୍କ ସମେତ ଦେଶର ବଡ଼ ବଡ଼ ଅର୍ଥନୀତିଜ୍ଞ ଆର୍ଥିକ ପ୍ରଗତି ହାର ହ୍ରାସ ପାଇବ କହି ଏହାକୁ ସଂଗଠିତ ଲୁଟ୍ ଓ ଠକାମୀ ବୋଲି ଯାହା କହିଥିଲେ, ବାସ୍ତବରେ ଅର୍ଥନୀତିରେ ଅନେକ ପରିମାଣରେ ତାହା ପ୍ରତିଫଳିତ ହୋଇଛି। କଳାଧନକୁ ଧଳା କରିବା ପାଇଁ ଏକ ଅପୂର୍ବ ସୁଯୋଗ ବିମୁଦ୍ରାକରଣ ପ୍ରଦାନ କରିଛି। ଦେଶର ଆର୍ଥିକ ପ୍ରଗତି ହାର ବାସ୍ତବିକ ଗୋଟିଏ ବର୍ଷ ଭିତରେ ପ୍ରାୟ ଶତକଡ଼ା ୨ ଭାଗ ହ୍ରାସ ପାଇଛି। ଅଣସଂଗଠିତ ଉଦ୍ୟୋଗଗୁଡ଼ିକ ବହୁ ପରିମାଣରେ କ୍ଷତିଗ୍ରସ୍ତ ହେବା ଫଳରେ ପ୍ରାୟ ୧୫ଲକ୍ଷ ଲୋକ ନିଯୁକ୍ତି ହରାଇଛନ୍ତି ବୋଲି ସରକାରୀ ତଥ୍ୟରେ କୁହାଯାଉଛି। ଏମାନଙ୍କ ବ୍ୟତୀତ ଲକ୍ଷ ଲକ୍ଷ ସଂଖ୍ୟାରେ ଦିନ ମଜୁରିଆ, ଚାଷୀ ଓ କ୍ଷୁଦ୍ର ଶିଳ୍ପ ବା ବ୍ୟବସାୟରେ ନିଯୁକ୍ତ ଲୋକ ମଧ୍ୟ ନିଯୁକ୍ତି ହରାଇଛନ୍ତି। ସରକାର ଯେତେ ପ୍ରଚାର କଲେ ମଧ୍ୟ ସାଧାରଣ ଲୋକ ବିମୁଦ୍ରାୟନ ଦ୍ୱାରା ଦେଶର ଲାଭ ଅପେକ୍ଷା କ୍ଷତି ଅଧିକ ହୋଇଛି ବୋଲି ଅନୁଭବ କରୁଛି। ପ୍ରଥମ ଅବସ୍ଥାରେ କଳାଧନ ଓ ଭ୍ରଷ୍ଟାଚାର ବିରୋଧରେ ଏହା ଏକ ଲଢ଼େଇ ବୋଲି ସାଧାରଣ ଲୋକ ଅନେକ ବିଶ୍ୱାସ କରି ଏଥିପାଇଁ କଷ୍ଟ ସହିବାକୁ ପ୍ରସ୍ତୁତ ଥିଲେ ମଧ୍ୟ ବର୍ଷକ ପରେ କେହି ବି ଭାବୁ ନାହାନ୍ତି ଯେ ସାଧାରଣ ଲୋକମାନଙ୍କର ଏହାଦ୍ୱାରା କିଛି ଲାଭ ହୋଇଛି। ବରଂ ଦୁର୍ନୀତି, ଭ୍ରଷ୍ଟାଚାର, ରାଜନୈତିକ ଦଳ ଓ ନେତାମାନଙ୍କର ବେପରୁଆ ଖର୍ଚ୍ଚ ଓ କଳାଧନ ପ୍ରତି ମୁହୂର୍ତ୍ତରେ ସୃଷ୍ଟି ହେବାରେ ଲାଗିଛି।

ନରେନ୍ଦ୍ର ମୋଦିଙ୍କ ସରକାର ଯେହେତୁ ଭ୍ରଷ୍ଟାଚାର ବିରୋଧରେ ଓ ବିଦେଶରୁ କଳାଧନ ଫେରାଇ ଆଣିବା ପାଇଁ ପ୍ରତିଶ୍ରୁତି ଦେଇ ନିର୍ବାଚନ ଜିତିଥିଲେ, ସେହି ହେତୁ କ୍ଷମତାକୁ ଆସିବା ପରେ ଜନ ଲୋକପାଳକୁ କାର୍ଯ୍ୟକାରୀ କରିବା ପାଇଁ ଲୋକପାଳ ଗଠନ କରିବା ଓ ସିବିଆଇକୁ ସରକାରଙ୍କ କବଳରୁ ମୁକ୍ତ କରି ଏକ ସ୍ୱାଧୀନ ସଂସ୍ଥାରେ ପରିଣତ ନିମନ୍ତେ ପ୍ରଥମେ ପଦକ୍ଷେପ ନେବା କଥା। ବିମୁଦ୍ରାକରଣ ଭ୍ରଷ୍ଟାଚାର ଓ କଳାଧନ ବିରୋଧରେ ଲଢ଼େଇ ବୋଲି କୁହା ଯାଉଥିଲେ ମଧ୍ୟ ଲୋକପାଳ କାହିଁକି ଗଠନ କରାଗଲା ନାହିଁ ଓ ସିବିଆଇକୁ କାହିଁକି ନିରପେକ୍ଷ ସଂସ୍ଥାରେ ପରିଣତ କରିବା ପାଇଁ ପଦକ୍ଷେପ ନିଆଗଲା ନାହିଁ, ତାହାର କୌଣସି ପ୍ରକୃତ ଜବାବ୍ ସରକାରଙ୍କ ପାଖରେ ନାହିଁ। ବିମୁଦ୍ରାକରଣରୁ ଯଦି ଲାଭ କ୍ଷତିର ହିସାବ କରାଯାଏ, ତେବେ ଲାଭ ଯାହା ଏବେ ବି ସ୍ପଷ୍ଟ ନୁହେଁ, ତାହାଠାରୁ ଅର୍ଥନୀତି, ନିଯୁକ୍ତି ଓ ଲୋକମାନେ ହଇରାଣ ହରକତ ହେବାର କଷ୍ଟ ଏତେ ଅଧିକ ହୋଇଛି ଯେ କୌଣସି ସାଧାରଣ ନାଗରିକ ବିମୁଦ୍ରାକରଣକୁ ସମର୍ଥନ କରିବାକୁ ଚାହୁଁଥିଲେ ମଧ୍ୟ ସାହସର ସହିତ ଏହା କରିବା କଷ୍ଟକର ହୋଇ ପଡ଼ିଛି। ବରଂ ବିରୋଧୀ ପକ୍ଷମାନଙ୍କର ଶକ୍ତି ଏଥିରେ ଅଧିକ ଜଣାପଡୁଛି। ତା'ହେଲେ ଏଠାରେ ପ୍ରଶ୍ନ ଉଠୁଛି- ୨୦୧୪ ନିର୍ବାଚନରେ ବିପୁଳ ବିଜୟ ହାସଲ କରି ଦେଶର ବୈଦେଶିକ ନୀତି ଓ ଅର୍ଥନୀତିକୁ ନୂଆ ରୂପ ଦେବା ପାଇଁ ଉଦ୍ୟମ କରୁଥିବା ନରେନ୍ଦ୍ର ମୋଦି କାହିଁକି ବିମୁଦ୍ରାକରଣ ନିଷ୍ପତ୍ତି ଗ୍ରହଣ କଲେ ? ଯାହା ମନେ ହେଉଛି, ନରେନ୍ଦ୍ର ମୋଦି ୫ବର୍ଷ ଭିତରେ ଏପରି କିଛି କରିବାକୁ ବ୍ୟଗ୍ର ଥିଲେ, ଯେଉଁଥିରେ ସାରା ଦେଶର ଜନସାଧାରଣ ତାଙ୍କୁ ଜଣେ ସାହସୀ ନେତା ଓ ଦିଗ୍‌ଦର୍ଶକ ଭାବରେ ସହଜରେ ଗ୍ରହଣ କରିନେବେ- ଯାହା ପୂର୍ବରୁ ପଣ୍ଡିତ ଜବାହାରଲାଲ୍ ନେହରୁ, ଇନ୍ଦିରା ଗାନ୍ଧି ପ୍ରଧାନମନ୍ତ୍ରୀ ଭାବରେ କରିଛନ୍ତି। ଏହି ଦୁଇ ଜଣକ ପରେ ଯେଉଁମାନେ ଦେଶର ପ୍ରଧାନମନ୍ତ୍ରୀ ହୋଇଛନ୍ତି, ଏପରିକି ରାଜୀବ ଗାନ୍ଧି ଓ ନରସିଂହ ରାଓ ଯିଏକି ପାଞ୍ଚବର୍ଷ ଲେଖାଏଁ ପ୍ରଧାନମନ୍ତ୍ରୀ ରହିଥିଲେ ଏବଂ ଯୁଗାନ୍ତକାରୀ ସଂସ୍କାରମୂଳକ ପଦକ୍ଷେପ ବି ନେଇଥିଲେ, ସେମାନଙ୍କ ନାଁ ଦେଶର ସବୁ ନାଗରିକ ଜାଣି ପାରିଲେ ନାହିଁ। ଅନ୍ୟ ପ୍ରଧାନମନ୍ତ୍ରୀଙ୍କ ଭିତରେ ଅଟଳ ବିହାରୀ ବାଜପେୟୀ ବେଶ୍ ପ୍ରଭାବଶାଳୀ ଥିଲେ ମଧ୍ୟ ଭାରତର ସବୁ ନାଗରିକ ତାଙ୍କ ନାଁ ଘରେ ଘରେ ଜାଣିଥିଲେ ବୋଲି କହିହେବ ନାହିଁ। ଏପରିକି ୧୦ବର୍ଷ ପ୍ରଧାନମନ୍ତ୍ରୀ ରହିଥିବା ମନମୋହନ ସିଂହଙ୍କ ନାମ ଗାଁ ଗହଳିରେ ସବୁ ଘରେ ପହଞ୍ଚି ପାରିଲା ନାହିଁ। ସମ୍ଭବତଃ ସେହି ଦୃଷ୍ଟିରୁ ବିମୁଦ୍ରାକରଣ ପରି ଏକ ସାହସିକ ପଦକ୍ଷେପ ନେଇ ନରେନ୍ଦ୍ର ମୋଦି ଦେଶର ସବୁ ଘରେ ତାଙ୍କ ନାଁକୁ ପହଞ୍ଚାଇ ଦେଇଛନ୍ତି, କାରଣ ଦରିଦ୍ରତମ ପରିବାରରେ ମଧ୍ୟ ୫୦୦ ଟଙ୍କିଆ କିମ୍ବା ୧୦୦୦ ଟଙ୍କିଆ ନୋଟ୍ ରହିଥିଲା। ସେମାନେ ଯେତେବେଳେ ଜାଣିଲେ ଯେ ଏହି ନୋଟ୍‌ସବୁ ଅକାମୀ ହୋଇଯାଇଛି ଓ ବ୍ୟାଙ୍କକୁ ଯାଇ ଏହି ନୋଟ୍ ବଦଳାଇବାକୁ ପଡ଼ିବ, ସେତେବେଳେ କିଏ ଏହି କାର୍ଯ୍ୟ କଲା ବୋଲି ସାଧାରଣ ଭାବରେ ପ୍ରଶ୍ନ ହେଲା। ଏଥିରେ ପ୍ରତ୍ୟେକ ପରିବାର ଜାଣିଲେ ଯେ ନରେନ୍ଦ୍ର ମୋଦି ନାମକ ପ୍ରଧାନମନ୍ତ୍ରୀ ଏହି ପଦକ୍ଷେପ ନେଇ ଟଙ୍କାଗୁଡ଼ିକୁ ଅଚଳ କରିଛନ୍ତି। ଅନେକ ମତ ଦେଉଛନ୍ତି ଯେ ନିଜର ନାମ ଦେଶର ସବୁ ଘରେ ପହଞ୍ଚାଇବା ପାଇଁ ପ୍ରଧାନମନ୍ତ୍ରୀ ଅର୍ଥନୀତିର ବିଭିନ୍ନ ଦିଗକୁ ଆଲୋଚନା ନକରି ହଠାତ୍ ଯେଉଁ ନିଷ୍ପତ୍ତି ଗ୍ରହଣ କଲେ ଏବଂ କଳାଟଙ୍କା, ଭ୍ରଷ୍ଟାଚାର ଓ ଉଗ୍ରପନ୍ଥୀ କାର୍ଯ୍ୟକଳାପ ବିରୋଧରେ ପଦକ୍ଷେପ ବୋଲି ପ୍ରଚାର କଲେ, ତାହା ମୂଷା ମାରିବା ପାଇଁ ଘରେ ନିଆଁ ଲଗାଇ ଦେବା ସହିତ ପ୍ରାୟ ସମାନ। କିନ୍ତୁ ନରେନ୍ଦ୍ର ମୋଦି ଭାରତର ଘରେ ଘରେ ପରିଚିତ ହେବା ପାଇଁ ବିମୁଦ୍ରାକରଣ ତାଙ୍କୁ ସାହାଯ୍ୟ କରିଥିବା ଏବେ ଯେତିକି ସ୍ପଷ୍ଟ, ସେତିକି ମଧ୍ୟ ପରିଷ୍କାର ଯେ ରାହୁଲ ଗାନ୍ଧି, ଯାହାଙ୍କୁ ଦେଶବାସୀ ଜଣେ ନେତା ଭାବରେ ଗ୍ରହଣ କରିବାକୁ ବା ବିଚାର କରିବାକୁ ପ୍ରସ୍ତୁତ ନଥିଲେ, ଏବେ ସେ ବିରୋଧୀ ପକ୍ଷର ମୁଖ୍ୟ ଗ୍ରହଣଯୋଗ୍ୟ ନେତୃତ୍ୱରେ ପରିଣତ ହୋଇଛନ୍ତି। ■

ବରିଷ୍ଠ ସାମ୍ବାଦିକ
ମୋ: ୯୪୩୭୪୦୪୪୫୫/ ୮୦୧୮୦୯୪୪୫୫

# ଭାରତର ଜଳବାୟୁ

୨୦୧୬ର ଜଳବାୟୁ ପରିବର୍ତ୍ତନ ଫଳରେ କେଉଁ ଦେଶମାନେ କେତେଦୂର ପ୍ରଭାବିତ ହୋଇଛନ୍ତି, ତା'ର ଏକ ବିଶ୍ଳେଷଣାତ୍ମକ ରିପୋର୍ଟ ପ୍ରକାଶ ପାଇଛି ଗ୍ଲୋବାଲ କ୍ଲାଇମେଟ୍ ରିସ୍କ୍ ଇଣ୍ଡେକ୍ସ- ୨୦୧୮ରେ। ଜଳବାୟୁ ପରିବର୍ତ୍ତନଦ୍ୱାରା ସର୍ବାଧିକ ପ୍ରଭାବିତ ହୋଇଥିବା ରାଷ୍ଟ୍ରମାନଙ୍କ ତାଲିକାରେ ଭାରତ ଷଷ୍ଠ ସ୍ଥାନରେ ରହିଛି। ଏହି ପରିବର୍ତ୍ତନଜନିତ ଜୀବନ ହାନି କ୍ଷେତ୍ରରେ ଭାରତର ସ୍ଥାନ ସର୍ବାଗ୍ରେ ଥିବା ବେଳେ ଏଥି ଯୋଗୁଁ ମୃତ୍ୟୁସଂଖ୍ୟା ୨,୧୧୯ ହୋଇଥିବା ଦର୍ଶାଯାଇଛି। ସେହିପରି ଆର୍ଥିକ କ୍ଷତି ଦୃଷ୍ଟିରୁ ଭାରତ ରହିଛି ତୃତୀୟ ସ୍ଥାନରେ। ଏହି କ୍ଷତିର ପରିମାଣ ୨୧,୫୦୦ ମିଲିଅନ୍ ଡଲାର ବୋଲି ପ୍ରକାଶ ପାଇଛି। ତେବେ ଏସବୁ ମଧ୍ୟରେ ସମୁଦ୍ର ପତ୍ତନର ବୃଦ୍ଧିକୁ ହିସାବକୁ ନିଆଯାଇ ନାହିଁ। କିନ୍ତୁ ଆଶଙ୍କା କରାଯାଉଛି ଯେ ନିକଟ ଭବିଷ୍ୟତରେ ଏଥିଯୋଗୁଁ ନିହାତି କମ୍‌ରେ ୫ ଲକ୍ଷ ଲୋକ ପ୍ରଭାବିତ ଏବଂ ବିସ୍ଥାପିତ ହୋଇ ପାରନ୍ତି ଯାହାର ଅତିରିକ୍ତ ବୋଝ ପଡ଼ିବ ଭୂଭାଗ ଓ ଦେଶର ସମ୍ବଳ ଉପରେ। ସମାନ ସମୟରେ ପ୍ରକାଶିତ ଆଉ ଏକ ଅଧ୍ୟୟନର ରିପୋର୍ଟ ଅନୁସାରେ ଭାରତ ଚୀନ୍‌କୁ ଅତିକ୍ରମ କରି ଖୁବ୍ ଶୀଘ୍ର ବିଶ୍ୱର ସର୍ବାଧିକ ସଲ୍‌ଫର୍ ଡାଇଅକ୍ସାଇଡ୍ ଗ୍ୟାସ୍ ନିର୍ଗମନକାରୀ ଦେଶ ଭାବରେ ପରିଣତ ହେବାକୁ ଯାଉଛି। ସୂଚନାଯୋଗ୍ୟ ଯେ ଏହି ଗ୍ୟାସ୍ ଏକ ବାୟୁ ପ୍ରଦୂଷଣକାରୀ ଉପାଦାନ ଏବଂ ପରୋକ୍ଷ ଭାବରେ ଏହା ଏକ ସବୁଜ ଗୃହ ବାଷ୍ପ। ପ୍ୟାରିସ୍ ରାଜିନାମା ଅନୁଯାୟୀ ଉଭୟ ଚୀନ୍ ଏବଂ ଭାରତ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ ବାଷ୍ପ ନିର୍ଗମନ ସ୍ତରକୁ ହ୍ରାସ କରାଇବା ସପକ୍ଷରେ ଯଦିଓ ଅଟଳ ରହିଛନ୍ତି, କିନ୍ତୁ ଏହି ଦୁଇ ରାଷ୍ଟ୍ରଙ୍କ ମଧ୍ୟରୁ ଚୀନ୍ କେବଳ ନିଜର ଧାର୍ଯ୍ୟ ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଜୋର୍‌ସୋର୍‌ରେ କାର୍ଯ୍ୟକ୍ରମ ଆରମ୍ଭ କରି ଦେଇଛି। ପ୍ରଦୂଷଣର ମାତ୍ରା କମାଇବା ନିମନ୍ତେ ଏହା ନିଜର କୋଇଲା ପ୍ଲାଣ୍ଟଗୁଡ଼ିକର ଉନ୍ନତିକରଣ କାର୍ଯ୍ୟକୁ ଦ୍ରୁତଗତିରେ ଆଗେଇ ନେବାର ଉଦ୍ୟମ ଚଳାଇଛି। ଅପର ପକ୍ଷରେ ୨୦୧୩ରୁ ଭାରତ ଜଳବାୟୁର ସନ୍ତୁଳନ ରକ୍ଷା ପାଇଁ ଉଦ୍ଦିଷ୍ଟ ବହୁପାକ୍ଷିକ ପାଣ୍ଠିରୁ ସର୍ବାଧିକ ଅର୍ଥାତ୍ ହାରାହାରି ୪୭୫ ମିଲିଅନ୍ ଡଲାର ପରିମାଣର ସହାୟତା ଲାଭ କରୁଥିବା ବେଳେ ସେଥିପ୍ରତି ଯଥେଷ୍ଟ ଧ୍ୟାନ ନଦେଇ ଅଧିକରୁ ଅଧିକ କୋଇଲା-ଚାଳିତ ବିଦ୍ୟୁତ୍ ଶକ୍ତି ଉତ୍ପାଦନକାରୀ କେନ୍ଦ୍ର ସ୍ଥାପନ କରି ଚାଲିଛି। ତେବେ ଏହା ମଧ୍ୟ ଧୀର ମନ୍ଥର ପଦରେ ହେଉପଛେ ଅକ୍ଷୟ ଶକ୍ତିର ଉତ୍ସ କ୍ଷେତ୍ରରେ ଅଧିକ ପୁଞ୍ଜିନିବେଶ କରି ଭାରତ ନିଜର ଅର୍ଥନୀତିକୁ ସବୁଜ ଅର୍ଥନୀତିରେ ପରିଣତ କରିବାକୁ ଉଦ୍ୟମ କରୁଛି। ସୌରଶକ୍ତି କେନ୍ଦ୍ର ସ୍ଥାପନ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଜଳବାୟୁ ଅନୁକୂଳ କାର୍ଯ୍ୟସୂଚୀ ପ୍ରତି ଭାରତର ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।

ଜଳବାୟୁ ପରିବର୍ତ୍ତନଜନିତ ସମସ୍ୟାର ମୁକାବିଲା ପାଇଁ ରାଜ୍ୟ ସରକାରମାନେ ମଧ୍ୟ କେନ୍ଦ୍ର ସହିତ ସହଯୋଗ କରିବାର ଆବଶ୍ୟକତା ରହିଛି। ଏହି ଲକ୍ଷ୍ୟ ହାସଲ କରିବା ପାଇଁ କେନ୍ଦ୍ର ସେମାନଙ୍କୁ ସମାନ ଅଂଶୀଦାର ଭାବରେ ବିବେଚନା କରିବା ଦରକାର। ଏଥିପାଇଁ ରାଜ୍ୟମାନଙ୍କୁ କେବଳ ଯେ ସେମାନଙ୍କର ଆର୍ଥିକ ଭାଗ ପ୍ରଦାନ କରାଯିବା ଉଚିତ, ତା' ନୁହେଁ, ରାଜ୍ୟମାନେ ସେହି ସହାୟତା ରାଶିକୁ ଉଦ୍ଦିଷ୍ଟ ଦିଗରେ ସଦୁପଯୋଗ କରୁଛନ୍ତି କି ନାହିଁ, ସେ ସମ୍ପର୍କରେ ମଧ୍ୟ ନିଶ୍ଚିତ ହେବା ଉଚିତ। ଭାରତରେ ସହରାଞ୍ଚଳର ଜନସଂଖ୍ୟା ଏବଂ ଏଥିଯୋଗୁଁ ଗାଡ଼ି ମଟରର ସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି। ପରିଣତିରେ ସହରାଞ୍ଚଳଗୁଡ଼ିକରେ କାର୍ବନ୍ ବା ଅଙ୍ଗାରକ ନିର୍ଗମନର ପରିମାଣ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ସହରାଞ୍ଚଳଗୁଡ଼ିକରେ କାର୍ବନ୍ ନିର୍ଗମନର ମାତ୍ରା ହ୍ରାସ କରାଇ ଏହାକୁ ଜଳବାୟୁ ଅନୁକୂଳ ଓ ଶକ୍ତିର ବ୍ୟୟ ଦୃଷ୍ଟିରୁ ଅଧିକ ଦକ୍ଷ ବନାଇବାର ଆବଶ୍ୟକତା ରହିଛି। ଅର୍ଥନୀତିକ ଅଭିବୃଦ୍ଧିରୁ ସବୁଜ ଗୃହ ବାଷ୍ପର ବୃଦ୍ଧିକୁ ଅଲଗା କରିବା ପାଇଁ ସମନ୍ୱିତ କଠିନ ବର୍ଜ୍ୟବସ୍ତୁ ପରିଚାଳନା, ସୌର ଶକ୍ତିର ଅଧିକ ବ୍ୟବହାର, ସବୁଜ ଭିତ୍ତିଭୂମି ନିର୍ମାଣ ଏବଂ ପରିବହନ କ୍ଷେତ୍ରରେ ପରିବର୍ତ୍ତନ ଅଣାଯିବା ଉପକାରୀ ସାବ୍ୟସ୍ତ ହେବ। ଏତଦ୍‌ବ୍ୟତୀତ ଗ୍ରାମାଞ୍ଚଳ ଉପରେ ମଧ୍ୟ ସମାନ ଦୃଷ୍ଟି ଦିଆଯିବା ଆବଶ୍ୟକ। ପରିଶେଷରେ ଜଳବାୟୁ ପରିବର୍ତ୍ତନ ଓ ଏହା ଯୋଗୁଁ ସୃଷ୍ଟ ସାଂଘାତିକ ପ୍ରାକୃତିକ ବିପର୍ଯ୍ୟୟଗୁଡ଼ିକର ମୁକାବିଲା ପାଇଁ ମଧ୍ୟ ପ୍ରସ୍ତୁତିକୁ ବଢ଼ାଇବା ଉଚିତ। ■

# ଯମରାଜଙ୍କ ନ୍ୟାୟ

ଶତ୍ରୁଘ୍ନର ଆତ୍ମା ଆସି ପହଞ୍ଚିଲା ଯମପୁରରେ। ଏବେ ତାକୁ ଟିକିଏ ଉଶ୍ୱାସ ଲାଗିଲା। ମନେ ମନେ ଭାବିଲା, 'ତରିଗଲା ମଣିଷ।' ଯମରାଜ ଠାଏକିନା ଗୋଟେ ଜାବୁଡ଼ା ଦେଲେ ତା' ଗାଲକୁ। ତା'ପରେ କହିଲେ, 'ତରିଗଲୁ କ'ଣ ? ଚାଲ ଚାଲ ବିଶ୍ୱକର୍ମା ତୋ ପାଇଁ ବି କୁଡ଼ିଆଟିଏ ତିଆରି କରି ରଖିଛନ୍ତି। ଚାଲ।'

'ଧନ୍ୟବାଦ ମହାରାଜ ! ଧନ୍ୟବାଦ।' ଗାଲକୁ ଆଉଁସି ଆଉଁସି କହିଲା ଶତ୍ରୁଘ୍ନ। ଯମରାଜ ଗୋଟିଏ କୁଡ଼ିଆ ପାଖରେ ଶତ୍ରୁଘ୍ନକୁ ନେଇ ଠିଆ କଲେ। ସେଇଠି ଗଦା ହୋଇଥାଏ ବହୁତଗୁଡ଼ିଏ ଦଉଡ଼ି, ଠିକ୍ ଗୋଟିଏ ପାହାଡ଼ ପରି। ଯମରାଜ ଡାକ ପକାଇଲେ, 'ହଇହୋ ପଦର୍‌ପଲିଆ, ବାହାରକୁ ଟିକିଏ ଆସ। ଆଜିର କୋଟା ପୂର୍ଣ୍ଣ ହେଇଛି ?'

ରାଧାରାଣୀ ତ୍ରିପାଠୀ

'ନାଇଁ ମହାରାଜ, ଆଉ କୋଡ଼ିଏ ହାତ ବାକି ଅଛି। ତିନିଶହ ଅଶୀ ହାତ ହୋଇଛି ଏଯାଏଁ।' ଯୋଡ଼ହସ୍ତ ହୋଇ କହିଲା ପଦର୍‌ପଲିଆ। 'ଯାଅ ଆଜି ତୁମକୁ ଅବଶିଷ୍ଟ କୋଡ଼ିଏ ହାତ ମାଫ୍ କରି ଦିଆଗଲା,' କହିଲେ ଯମରାଜ, 'ମୋର କାମଟିଏ କର। ଏଇ ଶତ୍ରୁଘ୍ନକୁ ବୁଲେଇ ବୁଲେଇ ଏଠାକାର କୁଡ଼ିଆମାନ ଟିକିଏ ଦେଖେଇ ଦିଅ।' ପଦରପଲିଆକୁ ଦେଖୁ ଦେଖୁ ଚିହ୍ନି ପାରିଲା ଶତ୍ରୁଘ୍ନ। କହିଲା, 'ଆରେ ପଦର୍‌ପଲିଆ ଯେ ! ପୂରା ଆଠଦିନ ପର୍ଯ୍ୟନ୍ତ ଟିଭିରେ ତୁମ ଫଟୋ ବାହାରୁଥିଲା, ଜାଣିଛ ? ତୁମେ ଫାଶୀ ଲଗେଇ ଥିଲ ନା ?'

'ତୁମେ କାହିଁକି ଆତ୍ମହତ୍ୟା କଲ ବନ୍ଧୁ ?'- ତା' କଥାକୁ ଅଣଶୁଣା କରି ପଚାରିଲା ପଦର୍‌ପଲିଆ।

'ଛାଡ଼ ବନ୍ଧୁ, ଛାଡ଼ ସେକଥା,' କହିଲା ଶତ୍ରୁଘ୍ନ, 'ମୋ କ୍ଷେତର ଧାନସବୁ ମରିଗଲା। ମୋର ସମସ୍ତ ଚେଷ୍ଟା, ସମସ୍ତ ପରିଶ୍ରମ ବିଫଳ ହୋଇଗଲା। ଏପଟେ ମହାଜନ ବି ଖୁବ୍ ହଇରାଣ କରୁଥାଏ- 'ତୋର ତ ଚାଷବାସ ସବୁ ବୁଡ଼ିଗଲା। ମୁଁ ଏବେ କଣ କରିବି ? ମୋତେ ବୁଡ଼େଇବୁନିରେ ବାପା।' ଯେତେବେଳେ ଭେଟ ହେଲେ ଏମିତି କେତେ କଥା କହୁଥାଏ। ବାଧହୋଇ ମୁଁ ମୁହଁ ଲୁଚେଇ ବୁଲୁଥାଏ ତାକୁ। ସେପଟେ ସ୍ତ୍ରୀର ଗହଣାଗାଣ୍ଠି ବନ୍ଧା ପକେଇ ଥିଲି। ସବୁ ବୁଡ଼ିଗଲା। ଘରକୁ ଗଲେ ଘର ଲୋକଙ୍କ ଶୁଖିଲା ମୁହଁ, କ୍ଷେତକୁ ଗଲେ କ୍ଷେତର ଉଜୁଡ଼ା ଅବସ୍ଥା। ପଦାକୁ ବାହାରିଲେ ମହାଜନର କଳିଜା ଚିରା ବାକ୍ୟବାଣ। ଖୁବ୍ ଅସହାୟ ହୋଇପଡ଼ିଲି ଭାଇ। ଜୀବନକୁ ଭାରି ବାଧିଲା। ଚାରିଦିଗ ଅନ୍ଧାର ଦିଶିଲା। ଆଉ କ'ଣ ବା କରିଥାନ୍ତି, କହିଲ ? ପରିଶେଷରେ ମୋତେ ଏଇ ଗୋଟିଏ ହିଁ ରାସ୍ତା ସହଜ ଲାଗିଲା। କ୍ଷେତକୁ ଯାଇ ବିଷ ପିଇଦେଲି। ସବୁ ଚିନ୍ତା, ସବୁ ଜାଳରୁ ମୁକ୍ତି ପାଇଗଲି। ମରିଗଲି ନାଇଁ ଯେ ତରିଗଲି ଜାଣ।'

'ତରିଗଲ କ'ଣ ଭାଇ ! ମୁଁ ଚାରି ହାତର ଦଉଡ଼ିରେ ଫାଶୀ ଲଗେଇ ଥିଲି ବୋଲି ପ୍ରତିଦିନ ମୋତେ ଚାରିଶହ ହାତ ଲେଖାଏଁ ଦଉଡ଼ି ବଳିବାକୁ ପଡୁଛି। ହେଇ ଦେଖ ମକ୍‌ରାଧାରିଆକୁ। ସେ କୂଅକୁ ଡେଇଁ ଜୀବନ ହାରିଥିଲା। ସେଥିଲାଗି ଦିନକୁ ଶହେଗୋଟି କୂଅ ଖୋଳିଲେ ଯାଇ ତା'ର ରକ୍ଷା। ଗୋଟେ ଊଣା ହେଲେ ଶହେ ଗୋଇଠା ପଡ଼େ। ଆଉ ହେଇ ଦେଖ ସେଇ ଚାଷୀମାନଙ୍କୁ। ସେମାନେ କ୍ଷେତକୁ ଯାଇ କୀଟନାଶକ ବିଷ ପିଇ ଦେଇଥିଲେ। ସମସ୍ତେ ଦିନକୁ ଶହେ ଏକର ଲେଖାଏଁ କ୍ଷେତରୁ ପୋକ ଧରୁଛନ୍ତି। ଗୋଟିଏ ପୋକ ଛାଡ଼ି ହୋଇଗଲେ ଆଣ୍ଠୁଏ ଜୋକ ଛାଡ଼ି ଦିଆଯାଏ'- କହିଲା ପଦର୍‌ପଲିଆ। ଭୟରେ ଛେପ ଢୋକି ପକାଇଲା ଶତ୍ରୁଘ୍ନ। ତା'ପରେ କହିଲା, 'ମାନେ ତୁମେ ଲାଭରେ ଅଛ, ନୁହଁ ?' ମୁହଁ ଶୁଖାଇ ପଦର୍‌ପଲିଆ କହିଲା, 'ଲାଭର କଥା କହୁଛ ? ଗୋଟିଏ ହାତ ଦଉଡ଼ି କମ୍ ବଳି ଥିଲେ, କୋଟିଏ ଲାତ ଖାଇବାକୁ ମିଳେ- ବୁଝିଲ ବନ୍ଧୁ।'

'ତା'ମାନେ ଏଇ ଆତ୍ମହତ୍ୟା କରୁଥିବା ଲୋକେ ନର୍କରେ ପଡୁ ନାହାନ୍ତି ?' ପଚାରିଲା ଶତ୍ରୁଘ୍ନ। 'ନାଇଁ ବନ୍ଧୁ, ଆମେ ହେଲୁ ଚଷା, ଲକ୍ଷେ ଜୀବ ପୋଷା। ବର୍ଷକୁ ବର୍ଷ ଯେଉଁ ଲକ୍ଷେ ଜୀବ ଆମ ଯୋଗୁ ଆହାର ପାଇଛନ୍ତି, ତା'ର ପୁଣ୍ୟ ବହୁ ମାତ୍ରାରେ ବଢ଼ି ଯାଇଛି। ସେଥିପାଇଁ କୁଡ଼ିଆମାନ ତିଆରି କରି ଆମମାନଙ୍କୁ ଥଇଥାନ କରାଯାଇଛି ଏଇଠି।

ଶତ୍ରୁଘ୍ନର ଆତ୍ମାର ଆତ୍ମା ବି କମ୍ପିଗଲା ଯମପୁରର ଏଇ ରଙ୍ଗଢଙ୍ଗ ଦେଖି। ଏତିକିବେଳେ ତାଙ୍କ ପାଖରେ ଆବିର୍ଭାବ ହେଲେ ଯମରାଜ। ଶତ୍ରୁଘ୍ନକୁ ପଚାରିଲେ, 'କୁହ କୁଡ଼ିଆକୁ ଯିବୁ ନା ଘରକୁ ଫେରିବୁ ? ବିଳମ୍ବ ହୋଇନି ଏଯାଏଁ। ତୋ ଚିତାରେ ଅଗ୍ନି ସଂଯୋଗ ନହେବା ଯାଏଁ ତୋ ଶରୀର ସୁରକ୍ଷିତ। ତା' ପୂର୍ବରୁ ଯଦି ଫେରିଯିବୁ, ତା'ହେଲେ ପୁଣି ଜୀବନ ଫେରି ପାଇବୁ ତୁ। କୁହ କଣ କହୁଛୁ ? ମୁଁ ଧର୍ମରାଜ। ଅଧର୍ମ ହେବାକୁ ଦେବିନାହିଁ। ଶୀଘ୍ର କୁହ, ସମୟ ଅତିବାହିତ ହୋଇ ଯାଉଛି।'

'ଘରକୁ ଯିବି ପ୍ରଭୁ, ଘରକୁ ଯିବି। ମୋତେ କ୍ଷମା କରି ଦିଅନ୍ତୁ। ମୋ ଅପରାଧ କ୍ଷମା କରି ଦିଅନ୍ତୁ ସ୍ୱାମୀ। ମୁଁ ଆଉ ଏମିତି ଭୁଲ୍ କେବେହେଲେ କରିବି ନାହିଁ ମହାରାଜ। ବାହା ଖଟେଇ ମୋ କୁଟୁମ୍ବକୁ ସାହା ହେବି ମହାଭାଗ। ଦୟାକରି ମୋତେ ମୋ ଘରକୁ ଫେରିବା ବ୍ୟବସ୍ଥା କରି ଦିଅନ୍ତୁ ପ୍ରଭୁ'- ବିକଳ ହୋଇ କହିଲା ଶତ୍ରୁଘ୍ନ।

ଯମରାଜ 'ଯା'କହି ପ୍ରେରଣ କରିଦେଲେ ତା' ଆତ୍ମାକୁ- ତା' ଘରକୁ।

ଏପଟେ ପୃଥ୍ୱୀଲୋକରେ ଶତ୍ରୁଘ୍ନର ଘରେ ଲୋକଙ୍କ ଭିଡ଼ ଲାଗି ଯାଇଥାଏ। ବନ୍ଧୁ ବାନ୍ଧବ, ସାଇ ପଡ଼ିଶା ସମସ୍ତେ ଗଦା ହୋଇଥାନ୍ତି। ତା' ମାଆ, ସ୍ତ୍ରୀ, ପୁଅ, ଝିଅ ସମସ୍ତେ ଛେଚି ବାଡ଼େଇ ହୋଇ କାନ୍ଦୁଥା'ନ୍ତି। ପାଖ ପଡ଼ିଶାର ମାନ୍ୟଗଣ୍ୟ ଲୋକେ କହିଲେ, 'ଛାଡ଼ ଛାଡ଼, ବେଗି ବେଗି ଶବ ଉଠାଇବାକୁ ପଡ଼ିବ। ଆଉ ଯେତେ କନ୍ଦାକଟା କଲେ ଲାଭ କ'ଣ ? ଯିଏ ମଲା, ସିଏ ଗଲା। ତା'ର କ'ଣ ଜୀବନ ଫେରିବ ଆଉ ?' ଶତ୍ରୁଘ୍ନର ପନ୍ଦର ବର୍ଷର ଝିଅ 'ନାଇଁ ମୋ ବାପାଙ୍କୁ ନିଅ ନାହିଁ' କହି କୁଣ୍ଢେଇ ଧରିଲା ତା' ବାପାର ଶବକୁ। ଚମକି ପଡ଼ିଲା ଝିଅ। ଏ କ'ଣ, ତା' ବାପାଙ୍କର ତ ହୃଦ୍‌ସ୍ପନ୍ଦନ ହେଉଛି ! ରଡ଼ି ପାରିଲା ଝିଅ- 'ଆରେ କିଏ କେଉଁଠି ଅଛ ? ପାଣି ଟିକିଏ ଆଣ କିଏ ହେଲେ। ମୋ ବାପା ବଞ୍ଚିଛନ୍ତି। ମରି ନାହାନ୍ତି ମୋ ବାପା।'

ଜଣେ ଧାଇଁ ଆସି ଶତ୍ରୁଘ୍ନର ନାଡ଼ି ପରୀକ୍ଷା କଲା। ଆଉ ଜଣେ ପାଣି ଢାଳେ ଆଣି ତା' ଆଖିକୁ ମୁହଁକୁ ପାଣି ଛାଟିବାରେ ଲାଗିଲା। ଏବେ ବଲବଲ କରି ଚାହିଁଲା ଶତ୍ରୁଘ୍ନ। ଆସ୍ତେ ଆସ୍ତେ ଝିଅର ହାତକୁ ମୁଠାଇ ଧରିଲା। ଆଖିରୁ ବୋହି ଯାଉଥାଏ ଧାର ଧାର ଲୁହ। ସମସ୍ତେ ଖୁସି ହୋଇଗଲେ। 'ତୋତେ କୋଟି କୋଟି ଜୁହାର ଗୋ ମାଆ ସମଲେଇ ! ମୋ ପୁଅକୁ ତୁ ଫେରେଇ ଦେଲୁ ମାଆ ! ଉଷୁନା ଧାନକୁ ଗଜା କଲୁ ମାଆ ! ଉଷୁନା ଧାନକୁ ଗଜା କରିଦେଲୁ,' ଶତ୍ରୁଘ୍ନର ମାଆ କୃତଜ୍ଞତାର ସହ ଢୋ କିନା ମୁଣ୍ଡିଆଟାଏ ମାରି ପକାଇଲା। ■

ଭାରତୀ କୁଟୀର, ଡୁଙ୍ଗୁରିପାଲି, ସୁବର୍ଣ୍ଣପୁର
ମୋ: ୮୨୪୯୮୦୭୨୬୭

# ଅସାଧାରଣ ସାଧାରଣ

ବେଳେବେଳେ ଅସାଧାରଣ ବ୍ୟକ୍ତିମାନେ ପ୍ରମାଣିତ କରି ଦିଅନ୍ତି ଯେ ସେମାନେ ବି ସାଧାରଣ। ଏମିତି ଏକ ଘଟଣା ଦେଖିବାକୁ ମିଳିଛି ନିକଟରେ ସୁପ୍ରିମକୋର୍ଟରେ ଯାହା ଦର୍ଶାଯାଇଛି ଯେ ସର୍ବୋଚ୍ଚ କୋର୍ଟର ବିଚାରପତିମାନଙ୍କ ମଧ୍ୟରେ ବି ଫାଟ ରହିଛି। ଏକଥା ପଦାକୁ ଆସିଛି ଗତ ସପ୍ତାହର ଗୁରୁବାର ଏବଂ ଶୁକ୍ରବାର ଦିନ ବରିଷ୍ଠ ଆଡ୍‌ଭୋକେଟ୍ କାମିନୀ ଜୈସଓ୍ୱାଲଙ୍କ ଆବେଦନର ବିଚାର ପରିପ୍ରେକ୍ଷୀରେ। ଜୈସଓ୍ୱାଲଙ୍କ ଆବେଦନଟି ଲକ୍ଷ୍ନୌର ପ୍ରସାଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଦୁର୍ନୀତି ମାମଲାରେ ଓଡ଼ିଶା ହାଇକୋର୍ଟର ଜଣେ ପୂର୍ବତନ ବିଚାରପତିଙ୍କ ସମ୍ପୃକ୍ତି ଓ ଦୁର୍ନୀତି ସମ୍ବନ୍ଧିତ ଥିଲା। ଗୁରୁବାର ଦିନ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ପରେ ଦ୍ୱିତୀୟ ବରିଷ୍ଠ ବିଚାରପତି ଜଷ୍ଟିସ୍ ଜେ ଚେଲାମେଶ୍ୱର ଏବଂ ଜଷ୍ଟିସ୍ ଅବ୍‌ଦୁଲ୍ ନାଜିରଙ୍କ ଦୁଇଜଣିଆ ଖଣ୍ଡପୀଠ ଜୈସଓ୍ୱାଲଙ୍କ ଆବେଦନର ଶୁଣାଣି କରି ମୁଖ୍ୟ ବିଚାରପତିଙ୍କ ନେତୃତ୍ୱରେ ଏକ ପାଞ୍ଚଜଣିଆ ସାମ୍ବିଧାନିକ ଖଣ୍ଡପୀଠଦ୍ୱାରା ଏହାର ବିଚାର କରାଯିବାକୁ ବିଜ୍ଞପ୍ତି ଜାରି କଲେ। କିନ୍ତୁ ତା' ପରଦିନ ମୁଖ୍ୟ ବିଚାରପତି ଜଷ୍ଟିସ୍ ମିଶ୍ର ଏଥିରେ ସହମତ ନହୋଇ ଯୁକ୍ତିଯୁକ୍ତ କାରଣ ଦର୍ଶାଇ ଦୁଇଜଣିଆ ଖଣ୍ଡପୀଠଙ୍କ ନିଷ୍ପତ୍ତିକୁ ଖାରଜ କରିଦେଲେ। ସଙ୍ଗେସଙ୍ଗେ ସେ ଏହା ମଧ୍ୟ କହିଲେ ଯେ କେବଳ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ହିଁ ଖଣ୍ଡପୀଠ ଗଠନ ନିମନ୍ତେ ଆଦେଶ ଦେଇ ପାରିବେ ଓ ଏହାର ସଂଖ୍ୟା ସ୍ଥିର କରି ପାରିବେ। ଏହା ସହିତ ସେ ଯେଉଁ ମାମଲାଗୁଡ଼ିକର ବିଳମ୍ବ ନକରି ତୁରନ୍ତ ବିଚାର କରାଯିବା ଜରୁରୀ ବୋଲି ସ୍ଥିର କରାଯିବ, ସେଗୁଡ଼ିକର 'ଶୁଣାଣି' ମଧ୍ୟ ଏଣିକି ସିଧାସଳଖ ମୁଖ୍ୟ ବିଚାରପତିଙ୍କ ଦ୍ୱାରା କରାଯିବ। ଜଷ୍ଟିସ୍ ଚେଲାମେଶ୍ୱର ଏବଂ ଜଷ୍ଟିସ୍ ମିଶ୍ରଙ୍କର ଏପରି ପରସ୍ପର ବିରୋଧୀ ମତାମତରୁ ସ୍ପଷ୍ଟ ହୁଏ ଯେ ଉଭୟଙ୍କ ମଧ୍ୟରେ ସବୁକିଛି ଠିକ୍ ନାହିଁ। ଦେଶରେ ଅନେକ ସଂଖ୍ୟକ ମାମଲା ବିଚାର ଅପେକ୍ଷାରେ ବର୍ଷ ପରେ ବର୍ଷ ଗଡ଼ି ଚାଲିଥିବା ବେଳେ ସର୍ବୋଚ୍ଚ ଅଦାଲତର ଦୁଇଜଣ ବିଚାରପତିଙ୍କ ମଧ୍ୟରେ ଏପରି ଅବସ୍ଥା ଦେଖାଦେବା ଆଦୌ ସ୍ପୃହଣୀୟ ନୁହେଁ। ବରଂ କିପରି ସ୍ୱଚ୍ଛ ନ୍ୟାୟ ପ୍ରଦାନ କରାଯାଇ ପାରିବ, ସେ ସମ୍ବନ୍ଧରେ ସେମାନେ ପଦକ୍ଷେପ ନେବା ଉଚିତ। ଅଥଚ ସେମାନଙ୍କର ଏପରି ଆଚରଣ ସର୍ବସାଧାରଣରେ ଏକ ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଲା ଯାହା ଜନସାଧାରଣଙ୍କୁ ମର୍ମାହତ କରିଛି। ଇତି ମଧ୍ୟରେ ମାମଲାର ଶୁଣାଣି ପାଇଁ ମୁଖ୍ୟ ବିଚାରପତି ଏକ ତିନିଜଣିଆ ଖଣ୍ଡପୀଠ ଗଠନ କରିସାରି ଥିବାରୁ ପାଣିକୁ ଆଉ ଅଧିକ ଗୋଳିଆ କରାଯିବା ଅନୁଚିତ। ■

## ସମ୍ପାଦକଙ୍କୁ ପତ୍ର

### ପ୍ଲାଣ୍ଟରୁ ନିର୍ଗତ ଧୂଆଁରେ ପରିବେଶ ପ୍ରଦୂଷିତ

କଟକ ଓ ଯାଜପୁର ଜିଲ୍ଲା ସୀମାନ୍ତବର୍ତ୍ତୀ ବଡ଼ଚଣା ଟାଙ୍ଗୀ ବ୍ଲକର ଶତାଧିକ ଗ୍ରାମର ଲୋକେ କୋଇଲା ଧୂଆଁ, ସିମେଣ୍ଟ ଧୂଳି ଯୋଗୁଁ ଅତିଷ୍ଠ ହୋଇ ପଡ଼ିଲେଣି। ନିକଟରେ ଥିବା ଏକ ସିମେଣ୍ଟ ପ୍ଲାଣ୍ଟ ଓ ଆଇରନ୍‌ରୁ ନିର୍ଗତ ଧୂଳିଧୂଆଁ ଓ ଦୂଷିତ ଜଳ ବ୍ୟବହାର କରି ବଡ଼ଚଣା ବ୍ଲକର ବୈରୀ, ସିମିଆଁ, ସୋଲର, ନେଳିଆପାରିଆ ଓ ଶାଳପଡ଼ା ପଞ୍ଚାୟତର ୨୫ ଖଣ୍ଡ ଗ୍ରାମର ହଜାର ହଜାର ଜନସାଧାରଣ ବିଭିନ୍ନ ରୋଗରେ ପୀଡ଼ିତ ହେଉଛନ୍ତି। କେତେକ ଚର୍ମ, ଯକ୍ଷ୍ମା ଆଜ୍‌ମା ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଛନ୍ତି। ସ୍ଥାନୀୟ ଅଞ୍ଚଳରେ ଥିବା ଏକ ବୃହତ୍ ସିମେଣ୍ଟ ପ୍ଲାଣ୍ଟ ଏବେ ଘାତକ ସାଜିଛି। ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଉତ୍ପାଦନର ୪ ଭାଗ ଅର୍ଥ ବ୍ୟୟ କରିବାର ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ପ୍ଲାଣ୍ଟ କର୍ତ୍ତୃପକ୍ଷ ସେଥିପାଇଁ ଚିନ୍ତା ବି କରୁ ନାହାନ୍ତି। ଉକ୍ତ ପ୍ଲାଣ୍ଟରେ ପ୍ରଚୁର ଜଳର ଆବଶ୍ୟକତା ଥିବାରୁ ବଡ଼ ବଡ଼ ନଳକୂପ ଖନନ କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ଜଳସ୍ତର କ୍ରମେ ହ୍ରାସ ପାଇବାରେ ଲାଗିଛି। ସିମେଣ୍ଟ ପ୍ଲାଣ୍ଟ ଧୂଳିଧୂଆଁ ବ୍ୟାପିବା ଫଳରେ ଯକ୍ଷ୍ମା ଓ ଆଜ୍‌ମା ପ୍ରଭୃତି ଶ୍ୱାସ ଜନିତ ରୋଗ ବ୍ୟାପିବାରେ ଲାଗିଲାଣି। ପ୍ଲାଣ୍ଟରୁ ନିର୍ଗତ ଜଳ ଦୂଷିତ ହୋଇ ନିକଟସ୍ଥ ଗଡ଼ିଆ ପୋଖରିରେ ପାଣିରେ ମିଶି ଜଳ ପ୍ରଦୂଷିତ କରିବା ସଙ୍ଗେସଙ୍ଗେ ଜନସାଧାରଣ ଓ ଗୃହପାଳିତ ପଶୁ ଅଜଣା ରୋଗରେ ପୀଡ଼ିତ ହେଉଛନ୍ତି। ଅନେକ ଦୂଷିତ ଜଳରେ ସ୍ନାନ କରି ବିଭିନ୍ନ ଚର୍ମରୋଗରେ ଆକ୍ରାନ୍ତ ହେଉଛନ୍ତି। ବୃକ୍ଷରୋପଣ ସହିତ ସ୍ଥାନୀୟ ଅଞ୍ଚଳର ବିକାଶ ପାଇଁ ଗୁରୁତ୍ୱ ନଦେଲେ ଆନ୍ଦୋଳନ ଅନିବାର୍ଯ୍ୟ ହୋଇପଡ଼ିବ।

ନିର୍ମଳ ଚନ୍ଦ୍ର ସାମଲ
ଆବାହକ ଜନ ସୁରକ୍ଷା ସମିତି, ଚଣ୍ଡିଖୋଲ, ଯାଜପୁର

### ଚାଷୀଙ୍କୁ ଉଚିତ୍ କ୍ଷତିପୂରଣ ଦିଆଯାଉ

ରାଜ୍ୟରେ ଚକଡ଼ାପୋକର ପ୍ରାଦୁର୍ଭାବ ଯୋଗୁଁ ପ୍ରାୟ ନଅଟି ଜିଲ୍ଲାର ଚାଷୀଭାଇମାନେ କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ଚାଷୀ ଆତ୍ମହତ୍ୟା କରିଥିବାବେଳେ ଅନେକ ଉଜୁଡ଼ା ଫସଲରେ ନିଆଁ ଲଗାଉଛନ୍ତି। ଅନେକ ପ୍ରଚାର ପ୍ରସାର ଓ ତର୍କବିତର୍କ ପରେ ରାଜ୍ୟ ସରକାରଙ୍କ ସମ୍ପୃକ୍ତ ବିଭାଗ ଘୋଷଣା କରିଛି ଚାଷୀମାନଙ୍କ ପାଇଁ ସହାୟତା। ଅତ୍ୟନ୍ତ ପରିତାପର ବିଷୟ ଯେ, ଯେଉଁ ସହାୟତା ରାଶି ଘୋଷଣା କରାଯାଇଛି ତାହା ସମୁଦ୍ରକୁ ଶଙ୍ଖେ। ଅଣଜଳସେଚିତ ହେକ୍ଟର ପିଛା ୮୬୦୦ ଟଙ୍କା ଓ ଜଳସେଚିତ ଅଞ୍ଚଳରେ ହେକ୍ଟର ପିଛା ୧୩୫୦୦ ଟଙ୍କା। କେବଳ ସଚିବାଳୟରେ ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଫଇସଲା କରିଦେଲେ ଚାଷୀ ଉପକୃତ ହୁଏନି। ହେକ୍ଟର ପିଛା ଚାଷୀ ଅମଳ କରେ ହାରାହାରି ୩୫ ବସ୍ତା ଧାନ ଯାହାର ବଜାର ମୂଲ୍ୟ ୩୫୦୦୦ ଟଙ୍କା। ଖର୍ଚ୍ଚ ବାବଦରେ ହେକ୍ଟର ପିଛା ଖର୍ଚ୍ଚ ହୁଏ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ଟଙ୍କା। ଆକଳନ କଲେ ସହାୟତା ରାଶି ଚାଷୀକୁ ଶକ୍ତ ଚାପୁଡ଼ା ସଦୃଶ। ସରକାର ତୁରନ୍ତ ସଠିକ୍ ଆକଳନ କରି ଉଚିତ୍ କ୍ଷତିପୂରଣ ଦେଲେ ଚାଷୀ ବଞ୍ଚିବ।

ଶ୍ରୀକାନ୍ତ ପଟ୍ଟନାୟକ, କୋରକୋର, ନିଆଳି, କଟକ

### ବସ୍ ଛାତରେ ଚାରା ଚାଲାଣ

ରବିବାର ୧୨ ତାରିଖ ସନ୍ଧ୍ୟା ୫.୨୦ ମି. ସମୟ। ଖଣ୍ଡଗିରି ଛକ ନିକଟ। ଏକ ନର୍ସରୀ ସାମନାରେ ବସ୍ ଗେଟ୍ ପାଖରେ ଗହଳି। ଡ୍ରେସ୍ କୋଡ୍ ପରିହିତ ପିଲାମାନେ, ଏ କ'ଣ କରୁଛନ୍ତି। ଛାତ ଉପରକୁ ଉତ୍ତୋଳିତ ହାତ। ସମସ୍ତଙ୍କ ହାତରେ ଚାରା। ପିଲା ସଂଖ୍ୟା ୪୦ରୁ ଅଧିକ ହେବ। ବୋଧହୁଏ; ରାଜଧାନୀ ଆସିଥିଲେ। ଷ୍ଟଡ଼ିଟୁର୍‌ରେ ଫେରିଲା ବେଳକୁ, ପରିବେଶ ସୁରକ୍ଷା, ମନେ ପଡ଼ିଲା ନର୍ସରୀରୁ ସଂଖ୍ୟାଧିକ ଚାରା ନେଇ ଲଗାଇବାର ଉତ୍ସାହ, ଆଗ୍ରହ, ଉଦ୍ଦୀପନା ନିଜ କଲେଜ ପରିସର ହେବ ସବୁଜିମାମୟ। ହସିବ ପରିବେଶ, ଥଣ୍ଡା ପବନ ବି ମିଳିବ। ବାସ୍, ଏମାନଙ୍କ ଚିନ୍ତାଧାରା ଅନ୍ୟମାନଙ୍କ ପାଇଁ ଅନୁକରଣୀୟ। ଏହି ଚାରା ଚାଲାଣ, ଅନ୍ୟମାନଙ୍କୁ ପ୍ରେରଣା ଦେଉ। ସମସ୍ତେ ପର୍ଯ୍ୟାବରଣ ପାଇଁ, ବିଶ୍ୱ ତାପମାନ ହ୍ରାସ ପାଇଁ ଗଭୀର ଚିନ୍ତା କରି ଏମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅନ୍ତୁ।

ମନୋରଞ୍ଜନ ସ୍ୱାଇଁ, ତମାଣ୍ଡୋ, ଭୁବନେଶ୍ୱର

### ବେପରୁଆ ଗାଡ଼ିଚାଳନା କରିବାକୁ ବାରଣ

ଗତ ଶନିବାର ରାତିରେ ବିଳମ୍ବିତ ପ୍ରହରରେ ଭୁବନେଶ୍ୱର ସହରର ଆଚାର୍ଯ୍ୟବିହାର ଛକରେ ଏକ କ୍ଷିପ୍ରଗାମୀ ହାଇୱା ଟ୍ରକ୍ ସହିତ ଗୋଟିଏ ମୋଟର ସାଇକେଲର ଧକ୍କା ହେବାରୁ ଦୁଇ ଚକିଆଯାନରେ ଯାତ୍ରା କରୁଥିବା ଦୁଇଜଣ ବ୍ୟକ୍ତିଙ୍କ ଯଥାକ୍ରମେ ଘଟଣାସ୍ଥଳରେ ଓ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଥିବା ପ୍ରକାଶ ପାଇଛି। ବେପରୁଆ ଗାଡ଼ିଚାଳନା ଲାଗି ହାଇୱା ଚାଳକଟି ପୁଲିସ ଦ୍ୱାରା ଗିରଫ ହୋଇ ଅଦାଲତ ସୁପର୍ଦ୍ଦ ହୋଇଛି। ନିର୍ଦ୍ଦିଷ୍ଟ ଦୁର୍ଘଟଣାଟିରେ ହାଇୱା ଓ ତା'ର ଚାଳକକୁ ଦୋଷାରୋପ କରାଯାଇଛି ପ୍ରକାଶିତ ବିବରଣୀରେ ଅର୍ଥାତ୍ ମୋଟର ସାଇକେଲଟିକୁ ହାଇୱାର ଦ୍ରୁତଗତିରେ ପ୍ରହାର କଥା ଦର୍ଶାଯାଇଛି। କୌଣସି ଛକ ଜାଗାରେ ପ୍ରତ୍ୟେକଟି ଯାନ ଯଥାସମ୍ଭବ ନିମ୍ନଗତି, ଆଲୋକ ଓ ହର୍ଣ୍ଣ ମାଧ୍ୟମରେ ଆଗନ୍ତୁକ ପ୍ରତିବେଶୀ ଅନ୍ୟ ଯାନମାନଙ୍କୁ ସତର୍କ କରି ଦେବାର ସର୍ବନିମ୍ନ ଓ ଅତ୍ୟାବଶ୍ୟକ ଦାୟିତ୍ୱଟି ଉଭୟ ମୋଟର ସାଇକେଲ ଓ ହାଇୱାର ଚାଳକଦ୍ୱୟ ଅଣଦେଖା କରିଥିବାରୁ ଦୁର୍ଘଟଣା ଘଟିଥିବା ନିଶ୍ଚିତ। ଛୋଟ ଯାନଟି ଦ୍ରୁତଗତିରେ ଯାତ୍ରା କରି କାହିଁକି ବଡ଼ ଯାନଟିରେ ପିଟି ହୋଇ ନଥିବାର ସମ୍ଭାବନାଟି ସବୁବେଳେ ଉହ୍ୟ ରହିବା ସଡ଼କ ସଚେତନତାର ଚରମ ଅବହେଳା ଓ ଅବମାନନା। ଯେତେଦିନ ପର୍ଯ୍ୟନ୍ତ ଦୁର୍ଘଟଣାଟିରେ ଜଡ଼ିତ ଅପେକ୍ଷାକୃତ ବୃହତ୍ତର ଯାନଟି ସବୁବେଳେ କାଠଗଡ଼ାରେ ଠିଆହୋଇ ଦୋଷାରୋପ ହେଉଥିବ ସେତେବେଳ ପର୍ଯ୍ୟନ୍ତ କ୍ଷୁଦ୍ରଯାନ ଚାଳକମାନେ ମନମୋଟିଆ ହୋଇ ଅନାବଶ୍ୟକ ଭାବେ ମୃତାହତ ହେଉଥିବା ଘଟଣାମାନ ଘଟିଚାଲୁଥିବ। ରାସ୍ତାରେ ଗତିଶୀଳ ଛୋଟବଡ଼ ସବୁ ଯାନବାହନଗୁଡ଼ିକର ଆପେକ୍ଷିକ ଦାୟିତ୍ୱକୁ ସମ୍ପୃକ୍ତ ଚାଳକଗଣ ନିଷ୍ଠାପର ଭାବେ ପାଳନ କରିବା ଆବଶ୍ୟକ। ଜୀବନ ମୂଲ୍ୟବାନ । ରାସ୍ତାରେ ଏହାର ଯବନିକା ନ'ପଡୁ।

ରାମକୃଷ୍ଣ ମହାନ୍ତି
କୋଲଥିଆ, ଖଣ୍ଡଗିରି, ଭୁବନେଶ୍ୱର